# ମହାମନୀଷୀ ମାର୍କସ୍ ଓ ଗାନ୍ଧିଜୀ ଏବଂ ପାଇଟିଆଳ ଶ୍ରମଜୀବୀ

ଜେନାମଣୀ ଲକ୍ଷ୍ମୀକାନ୍ତ

ଏକୁଆରେ ବଳୀ । ମହାତ୍ମାଗାନ୍ଧୀ ଆଉ କାର୍ଲ ମାର୍କ୍ସ ପ୍ରଥିତଯଶା, ଯୁଗାନ୍ତକାରୀ, ଦୁଇ ମହାନ୍ ମାର୍ଗଦଶୀ ମନିଷୀ । ବୟସାନୁକ୍ରମରେ କାର୍ଲ ମାର୍କସ୍ ଥିଲେ ଜ୍ୟେଷ୍ଠ ଓ ବରିଷ୍ଠ ବହୁମୁଖୀ ପ୍ରତିଭାଶାଳୀ ଓ ଅସାଧାରଣ ପ୍ରଜ୍ଞାଯୁକ୍ତ କାର୍ଲ ହେନେରିକ ମାର୍କସ୍ ଏକାଧାରରେ ଥିଲେ ଜର୍ମାନ ବଂଶୋଦ୍ଭବ ଦାର୍ଶନିକ, ରାଜନୈତିକ, ଅର୍ଥନୀତିଜ୍ଞ, ସମାଜବିଜ୍ଞାନୀ, ମାନବବାଦୀ, ରାଷ୍ଟ୍ରନୀତି ତତ୍ତ୍ୱବିତ୍, କ୍ରାନ୍ତିକାରୀ ଏବଂ ସାମ୍ୟବାଦର ପ୍ରତିଷ୍ଠାତା । ୧୮୧୮ ମସିହା ମଇ ୫ତାରିଖ ଦିନ ପ୍ରୁସୀୟା ପ୍ରଦେଶର ଟ୍ରାୟରରେ ଜନ୍ମଗ୍ରହଣ କରି ସେ ୬୫ବର୍ଷର ବ୍ୟସ୍ତବହୁଳ ଜୀବନ ଚର୍ଚ୍ଚା ଉତ୍ତାରୁ ଲଣ୍ଡନ ଉପକଣ୍ଠ କେଣ୍ଟିସ ସହରର ୯ ଗ୍ରାଫ୍‌ଟନ୍ ଟେରାସରେ ବ୍ରୋଙ୍କାଇଟ୍‌ସ-ପ୍ଲେରୁସୀ ପ୍ରାବଲ୍ୟ ରୋଗ ହେତୁ ୧୮୮୩ ମାର୍ଚ୍ଚ ୧୭ ତାରିଖ ଦିନ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁର ୨ବର୍ଷ ପୂର୍ବରୁ ମାର୍କ୍ସ ପ୍ରିୟତମା ପତ୍ନୀ ଜେନୀକୁ ୧୮୮୧ ଡିସେମ୍ବରରେ ହରାଇ ବସିଥିଲେ। ମୃତ୍ୟୁ ପୂର୍ବରୁ ତାଙ୍କର ଚାରି ସନ୍ତାନ ସନ୍ତତୀ- ଯଥା (୧) ଏଡଗାର (୨) ହେନେରୀ ଏଡୱାର୍ଡ (୩) ଫ୍ରାନଜିସ୍‌କା (୪) ଜୁଲିୟା ଏଲିନର ଉପସ୍ଥିତ ଥିଲେ। ରାଜକୀୟ ସମ୍ମାନ ଓ ଅଭୁତପୂର୍ବ ଶୋକ ସମାରୋହ ମଧ୍ୟରେ ଲଣ୍ଡନର ପ୍ରସିଦ୍ଧ ହାଇଗେଟ୍-କବରଖାନାଠାରେ ମାର୍କ୍ସଙ୍କର ପାର୍ଥିବ ଶରୀରକୁ କବର ଦିଆଗଲା ୧୮୮୩ ମାର୍ଚ୍ଚ ୧୭ ତାରିଖ ସୂର୍ଯ୍ୟାସ୍ତ ସମୟରେ । ବିଶ୍ୱ ବିଶୃତ ମାର୍ଗଦର୍ଶୀ ଏହି ମହାମନିଷୀ ଏବଂ ମେହନତୀ ଜନତାର ହିତୈଷୀଙ୍କ ସମାଧିଶୀଳା ଉପରେ ସ୍ୱର୍ଣ୍ଣାକ୍ଷରରେ ବିଶ୍ୱ ବିଶୃତ ସେ ଉଦାତ୍ତ ଆହ୍ୱାନ ଖୋଦିତ ହୋଇଛି ଇଂରାଜୀରେ । ତାହା ହେଉଛି ଏହିଭଳି: ‘ Workers of all lands Unite' । ବିଶ୍ୱର ସମସ୍ତ ମେହନତୀ ମଣିଷ ଏକତ୍ରୀଭୂତ ହୁଅ । ତାହା ତଳକୁ ସାମ୍ୟବାଦୀ ଇସ୍ତାହାରର ବିଶେଷ ପଂକ୍ତି ସମେତ ଫୟ୍ୟରବାଚ୍ ମହାନିବନ୍ଧର ଏକାଦଶ ପରିଚ୍ଛେଦରେ ଏଞ୍ଜେଲଙ୍କ ବୟାନ/ପାଠାନ୍ତରର କିୟଦଂଶ ମଧ ଖୋଦିତ । The philosophers have only interpreted the world on various ways- The point however is to change it. ଗ୍ରେଟ୍ ବ୍ରିଟେନ୍‌ର କମ୍ୟୁନିଷ୍ଟ ପାର୍ଟି କର୍ତ୍ତୃକ ଓ ନିର୍ମିତ ଏହି ସ୍ମୃତିସ୍ତମ୍ଭ ପ୍ରକାଶ କରଣ ଶୋକ ସମାରୋହରେ ସାଥୀ ଓ ସତୀର୍ଥ ଫ୍ରେଡେରିକ୍ ଏଂଜେଲଙ୍କ ଅଶ୍ରୁଳ ଶୋକାଞ୍ଜଳି ଥିଲା।

ବିଶ୍ୱର ମେହନତୀ ଜନତାର ମାର୍ଗଦର୍ଶୀ ମନିଷୀ ହିତୈଷୀ, ସେନାନାୟକ, ସାଥୀ, ସାରଥୀ- ଏହି ପ୍ରଥିତଯଶା କ୍ରାନ୍ତିଦର୍ଶୀ ଚିନ୍ତା ନାୟକଙ୍କ ଦୁଇ କାଳଜୟୀ ଅମରକୃତୀ (୧) Das capital (1872) ଏବଂ (୨) Communist manifesto (1848) ଲୋକାର୍ପିତ ହେବା ଉତ୍ତାରୁ, ତାହା ବସ୍ତୁତଃ ଋଷ ଦେଶରେ ଜାର ସମ୍ରାଟକୁ କ୍ଷମତାଚ୍ୟୁତ କରି କମ୍ୟୁନିଷ୍ଟ ଶାସନର ପ୍ରାଣ ପ୍ରତିଷ୍ଠା କରିଥିଲା। ଫଳରେ ଏକ ନୂତନ ସାମ୍ୟବାଦୀ ରାଜନୈତିକ ଚେତନାର ଉତ୍ତାଳ-ତରଙ୍ଗାଲୋଡନ ପ୍ରକ୍ରିୟାରେ ୟୁରୋପ ଆଫ୍ରିକା ଏବଂ ଏସିଆ ମହାଦେଶରେ ଅଭୁତପୂର୍ବ କମ୍ପନ ସ୍ପନ୍ଦନ ସୃଷ୍ଟି କରିଥିଲା। ଫଳରେ ସମାଜବାଦୀ ବାସ୍ତବବାଦ ସେଇ ସାମ୍ୟବାଦୀ ରାଜନୈତିକ ଚେତନାର ବିମୂର୍ତ୍ତ ସାଂସ୍କୃତିକ ରୂପରେଖ କହିଲେ ଅତ୍ୟୁକ୍ତି ହେବନି । ମାର୍କ୍ସ ତାଙ୍କ ଦିଶା-ଦର୍ଶନରେ ଏହା ସ୍ପଷ୍ଟ କରି ବସିଥିଲେ: ମଣିଷ ସଭ୍ୟତାର ଇତିହାସ ହେଉଛି ଶ୍ରେଣୀ ସଂଘର୍ଷର ଇତିହାସ । ଆଦିମ ଶ୍ରେଣୀହୀନ ମଣିଷ ସମାଜ କିପରି ଭୂମୀ ଦାସ ସମାଜ, ସାମନ୍ତବାଦୀ ସମାଜ, ପୁଞ୍ଜିବାଦୀ ସମାଜର ସ୍ତର ଦେଇ ସାଂପ୍ରତିକ ସମାଜବାଦୀ ସମାଜର ସମୀପବର୍ତ୍ତୀ ହୋଇଛି, ତା’ର ମୁଖା ଖୋଲି ମାର୍କ୍ସ ତାଙ୍କର ବହୁ ପ୍ରଖ୍ୟାତ ସାମ୍ୟବାଦୀ ରାଜନୈତିକ ଦିଶାଦର୍ଶନରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଉତ୍ତାରୁ ଏହା

ପ୍ରାଞ୍ଜଳ ଭାବେ ଦର୍ଶାଇଥିଲେ ଯେ: ସାଧାରଣ ମେହନତୀ ମଣିଷର ଶ୍ରମ ଓ ସଂଘର୍ଷ ଫଳରେ ହିଁ ସଭ୍ୟତାର କ୍ରମବିକାଶ ଘଟିଛି । ଉତ୍‌ପାଦନ ପ୍ରଣାଳୀ ଓ ବଣ୍ଟନ ବ୍ୟବସ୍ଥାର ପରିବର୍ତ୍ତନ ସହିତ ସାମାଜିକ ଅବସ୍ଥାର ପରିବର୍ତ୍ତନ ଘଟେ । ତାଙ୍କର ଦୃଢୋକ୍ତି ଥିଲା: ମଣିଷର ଶ୍ରମ ହିଁ ଯେ ସଭ୍ୟତାର ପରମ ସୌନ୍ଦର୍ଯ୍ୟ ସେ ଦୃଶ୍ୟ ଖାସ୍ ଧରାପଡିଲା ସମାଜବାଦୀ ବାସ୍ତବବାଦୀଙ୍କ ଅନିସନ୍ଧିସ୍ନୁଙ୍କ ଚକ୍ଷୁରେ । ଜୀବନରେ ଫଟୋ ଗ୍ରାଫି ବାସ୍ତବତା ନୁହେଁ, ମଣିଷର ଶ୍ରମ ଓ ସଂଘର୍ଷ ଭିତରେ ଯେଉଁ ସୌନ୍ଦର୍ଯ୍ୟ ଓ ଅପାରଶକ୍ତି ରହିଛି, ତାକୁ ସମାଜବାଦୀ ଆଲୋକରେ ଉଦ୍‌ଭାସିତ କରିବା ପାଇଁ ମାର୍କ୍ସଙ୍କର ଆହ୍ୱାନ ଥିଲା ଯେଭଳି ଉଦାତ୍ତ, ସେଭଳି ଅନନ୍ୟ । ତାଙ୍କର ଦୃଢ ଆତ୍ମ ପ୍ରତ୍ୟୟ ଥିଲା ବିଶ୍ୱର ଅଗଣିତ ନିଷ୍ପେସିତ–ମେହନତୀ ଜନତା ଯେତେବେଳେ ଏକୀଭୂତ ହୋଇ ଜାଗି ଉଠିବେ ଏବଂ ପ୍ରତିବାଦ/ପ୍ରତିରୋଧକ ସ୍ୱର ଉତ୍ତୋଳନ ସହ ବିଦ୍ରୋହରେ ଝାସ ଦେବେ, ସେମାନଙ୍କର ଯୁଗାନ୍ତକାରୀ ସଂଘବଦ୍ଧ ଶ୍ରେଣୀ ସଂଗ୍ରାମ ଓ ଜାଗରଣ ଆଗରେ ପୁଞ୍ଜିବାଦୀ–ସମାଜବାଦୀ, ସମାଜ (ଔଦୋଗିକ ଶୋଷଣ) ବ୍ୟବସ୍ଥା ଛାଏଁ ତାସ୍ ଘର ଭଳି ଭୁଷୁଡି ପଡ଼ିବ ଏବଂ ଭସ୍ମସ୍ତୁପ ଉପରେ ଉଠି ଖାଡାହେବ ଏକ ଶ୍ରେଣୀହୀନ ଶୋଷଣହୀନ ସମାଜବାଦୀ ସମାଜ । ଏକଥା ଭୁଲିଯାଅନି ଯେ: ଦ୍ୱନ୍ଦ୍ୱ ଓ ସଂଘର୍ଷ ମଧ୍ୟରେ ଇତିହାସ ତା'ର ଗତିପଥ ପରିବର୍ତ୍ତନ କରେ ଏବଂ ପ୍ରାଚୀନ ଓ ନୂତନର ଦ୍ୱନ୍ଦ୍ୱ ଫଳରେ ନୂତନର ବିଜୟ ବାସ୍ତବାୟିତ ହୁଏ । ସମୟ ଓ ଇତିହାସ ତା'ର ମୂକସାକ୍ଷୀ ।

ବିଶ୍ୱବିଶ୍ରୁତ ଅହିଂସା ଓ ଶାନ୍ତିର ପରମ ପୂଜାରୀ, ମାନବବାଦୀ ମହାମନିଷୀ, ସଂକ୍ରାନ୍ତି ପୁରୁଷ, ରାଷ୍ଟ୍ରପୁରୁଷ, ମହାନ ଚିନ୍ତାନାୟକ, ଦାର୍ଶନିକ, ପରୋପକାରକ, ରାଷ୍ଟ୍ରନୀତିଜ୍ଞ, ସାରସ୍ୱତପୁରୁଷ, ଭାରତୀୟ ମୁକ୍ତି ସଂଗ୍ରାମର କର୍ଣ୍ଣଧାର, ଶତାବ୍ଦୀର ସର୍ବାଧିକ ଲୋକପ୍ରିୟ ଓ ବିଶ୍ୱବିଶ୍ରୁତ ମହାନାୟକ, ମୋହନ ଦାସ କରମଚାନ୍ଦ ଗାନ୍ଧୀ (ଓରଫ ମହାତ୍ମା ଗାନ୍ଧୀ) ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଗୁଜରାଟ୍ (ସ୍ୱରାଷ୍ଟ୍ର) ପ୍ରଦେଶର ପୋର ବନ୍ଦରରେ ଜନ୍ମଲାଭ କରିଥିଲେ ଏବଂ ତାଙ୍କର ମହାନ ଜୀବନଚର୍ଯ୍ୟା ୭୯ ବର୍ଷରେ ସୀମୀତ ଥିଲା । ସତ୍ୟ ଓ ଅହିଂସାର ଶାସନାଧୀନ ପରାଧୀନ–ଭାରତର ମୁକ୍ତି ସଂଗ୍ରାମର ସେ ଥିଲେ ଅନନ୍ୟ କର୍ଣ୍ଣଧାର । ତାଙ୍କର ତ୍ୟାଗଦୀପ୍ତ ସଂଗ୍ରାମ ଓ ସମର୍ଥ ନେତୃତ୍ୱକୁ ପୁଞ୍ଜିକରି ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେଲା ପରାଧୀନତାର ଶୃଙ୍ଖଳ ଛିନ୍ନ କରି । ଏହାର ଠିକ୍ ମାତ୍ର ସାଢେ ପାଞ୍ଚମାସ ପରେ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖ ଅପରାହ୍ଣରେ ଦିଲ୍ଲୀସ୍ଥିତ 'ବିରଳା ଭବନ' ପ୍ରାର୍ଥନା ସଭାକୁ ଚାଲି ଚାଲି ଆସିବା ବାଟରେ ଜଣେ ଧର୍ମାନ୍ଧ ଆତତାୟୀ (ନାଥୁରାମ ଗଡ୍‌ସେ)ର ତିନୋଟି ନିର୍ମମ ଗୁଳିଚୋଟରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଶେଷ–ନିଶ୍ୱାସ ତ୍ୟାଗ ବେଳେ 'ହେ ରାମ' ଉଚ୍ଚାରଣ ସହ ଟଳି ପଡିଲେ । ଶାନ୍ତି ଓ ଅହିଂସା ପ୍ରେମୀ, ମାନବାନୁରାଗୀ ଏହି ତ୍ୟାଗଦୀପ୍ତ ଓ ବିଶ୍ୱବିଶ୍ରୁତ ମହାନ ସର୍ପିତ ଜୀବନ ବହ୍ନିବିଲୀନ ହେବା ଉତ୍ତାରୁ ବିଶ୍ୱବ୍ୟାପୀ ଅଭୁତପୂର୍ବ ଶୋକ ପ୍ରକାଶ ଏବଂ ଅଶ୍ରୁପୂର୍ବକ ବିଶାଳ ଶୋକାଭିଭୂତ ଗାନ୍ଧୀ ଅନୁରାଗୀଙ୍କ ସମାରୋହ ମଧ୍ୟରେ ପରିଶେଷରେ ଦିଲ୍ଲୀସ୍ଥିତ 'ରାଜଘାଟ'ଠାରେ ବାପୁଙ୍କୁ ସମାଧିସ୍ଥ କରାଗଲା । ତାହା ଏବେ ବିଶ୍ୱର ଏକ ଅନନ୍ୟ ସ୍ମୃତି ତୀର୍ଥରେ ରୂପାନ୍ତରିତ ।

ନିଜର ଜଖମ କାନ୍ଧରେ ବିଶ୍ୱମାନବିକତାର ଗୁରୁ ବୋଝ ବୋହି ବୋହି, ଆତ୍ମବଳି ଦେଇଥିବା ଗାନ୍ଧୀଥିଲେ ମାର୍ଗଦର୍ଶୀ ମନିଷୀ । ମାର୍କସଙ୍କ ଭଳି ବିଶ୍ୱର ବିଶ୍ରୁତ ମସିହା । ସେ ଥିଲେ ତିମିରିତ ବିଶ୍ୱ ପାଇଁ ଦୀପ୍ତି ଓ ଦ୍ୟୁତିମୟ ଅନିର୍ବାଣ ଆଲୋକବର୍ତ୍ତୀକା । ଗାନ୍ଧୀଥିଲେ ରାଷ୍ଟ୍ରପିତା ଓ ଭାରତ ଆତ୍ମା । ଆତ୍ମାବିନା ନିର୍ବେଦ ଜୀବନଯାପନ ଏକ କାଠିକର ବ୍ୟାପାର । ବହୁମୁଖୀ ପ୍ରଚଣ୍ଡ ପ୍ରତିଭାଧାରୀ ଏବଂ ଅସାଧାରଣ ଦିବ୍ୟ ଦର୍ଶନରେ ଅନୁବଂଧିତ ସେଥିଲେ ମାନବୀୟ ସୁଖଶାନ୍ତିର ବଳିଷ୍ଠ ପ୍ରବକ୍ତା । ଅର୍ଥନୈତିକ ବିକାଶ ପରିପ୍ରେକ୍ଷୀରେ ସେ ଥିଲେ ସ୍ୱଦେଶୀ ପ୍ରତ୍ୟୟରେ ପ୍ରତ୍ୟର୍ପିତ । ଗାଁକୁ ଫେରିଚାଲ ଥିଲା ତାଙ୍କର ଉଦାତ୍ତ ଆହ୍ୱାନ । କୁଟି ଖାଅ ଓ କାଟି ପିନ୍ଧ ଥିଲା ତାଙ୍କର ସ୍ୱାବଲମ୍ବନୀ ଆୟୁଧ । ମୌଳିକ ଶିକ୍ଷାବିତ୍, ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ଓ ଚରିତ୍ରଧର୍ମୀ ଶିକ୍ଷାର ସିଏ ଥିଲେ ପଥପ୍ରଦର୍ଶକ । ଅହିଂସା ପରମ ଧର୍ମର ସେ ଥିଲେ ବିଶ୍ୱବିଶ୍ରୁତ ବୈତାଳିକ । ସର୍ବଧର୍ମର ସମନ୍ୱୟ ଏବଂ ସୌହାର୍ଦ୍ଦ୍ୟ ଥିଲା ତାଙ୍କର ଗୁରୁମନ୍ତ୍ର । ମୂଲ୍ୟବୋଧଭିତ୍ତିକ ରାଜନୀତି ଓ ଜନଜୀବନ ଥିଲା ତାଙ୍କର ବାର୍ତ୍ତା ଓ ବୃତ୍ତବନ୍ତ । ସେ ଥିଲେ ମହାମନିଷୀ, ଯୁଗାନ୍ତକାରୀ, ଦିବ୍ୟପୁରୁଷ । ନିଜର ଦୁର୍ବଳତା ଉପରେ ତାଙ୍କର ନିୟନ୍ତ୍ରଣ ଅଙ୍କୁଶ ଥିଲା ସୁଦୃଢ଼୍ୟ ଓ ଅତୁଲ୍ୟ । ଆତ୍ମା ଶୁଦ୍ଧି ପାଇଁ ଓ ଶକ୍ତ ସଞ୍ଚୟନାର୍ଥେ, ପ୍ରାଣାୟମ ଯୋଗାସନ ପ୍ରାର୍ଥନା, ଧ୍ୟାନ ଓ ସର୍ତ୍ତ ଯଜ୍ଞାଦିରେ ସେ ନିରନ୍ତରବ୍ରତୀ ଥିଲେ । ଭାବାନୁବନ୍ଧିତ ହିନ୍ଦୁ ଥିଲେ । ଆଚରଣରେ କିନ୍ତୁ ସେ ଏକନିଷ୍ଠ ବୈଷ୍ଣବ ଥିଲେ ।

ମହାମନିଷୀ ବାପୁ ରଚନାତ୍ମକ କ୍ରାନ୍ତିର ଥିଲେ କୃତବିଦ୍ୟ ପ୍ରବର୍ତ୍ତକ । ବର୍ଗହୀନ ସମାଜ ରଚନାର୍ଥେ ତାଙ୍କର ଅଭିଯୋଜନା ଥିଲା ସୁଚିନ୍ତିତ ଓ ସୁଦୂରପ୍ରସାରୀ । ଭାରତୀୟ ସଂସ୍କୃତିର ସମନ୍ୱୟ ଶକ୍ତିର ସଦୁପଯୋଗ ଥିଲା ତାଙ୍କ କ୍ରାନ୍ତିକାରୀ ଚେତନାର ଉଦ୍ଦେଶ୍ୟ । ବିଭିନ୍ନତାରେ ଏକତା, ସର୍ବହରାର ଅନ୍ତୋଦୟ, ଶୋଷଣ ବିହୀନ ସମାଜ ପ୍ରତିଷ୍ଠା, ଦଳିତ ଓ ପତିତୋଦ୍ଧାରଣର ସିଏ ଥିଲେ କ୍ରାନ୍ତିଦର୍ଶୀ ଭବିଷ୍ୟଦ୍ରଷ୍ଟା ଏବଂ ମହାମାଂତ୍ରିକ ବର୍ତ୍ତମାନ ଓ ଅବର୍ତ୍ତମାନ, ସବୁ ସମୟର । ଦକ୍ଷିଣ ଆଫ୍ରିକାରେ ସୁଦୀର୍ଘ ୨୧ବର୍ଷ ପ୍ରବାସ ଜୀବନ ଅତିବାହନ କାଳରେ ମେହନତୀ ମଣିଷର ସ୍ୱାଧୀକାର ସୁରକ୍ଷା ଓ କଲ୍ୟାଣ ସାଧନରେ ଉତ୍ସର୍ଗୀକୃତ ଥିଲା ତାଙ୍କ ସାଂଗଠନିକ ନେତୃତ୍ୱ । ୧୯୧୫ରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଉତ୍ତାରୁ ଅହମ୍ମଦାବାଦରେ ସାବରମତୀ ଆଶ୍ରମରେ ଡେରା ପକାଇବା ପରଠାରୁ ବ୍ରହ୍ମବିଲୀନ ହେବା ଯାଏ ଶ୍ରମ ଆନ୍ଦୋଳନ ଓ ସଂଗଠନ ସହ ପ୍ରତ୍ୟକ୍ଷଭାବେ ଅନୁବଂଧିତ ଥିଲେ ଗାନ୍ଧିଜୀ । ସେ ମାର୍କ୍ସୀୟ ଶ୍ରେଣୀର ଥିଲେ ପରିପନ୍ଥୀ । ତାଙ୍କର ସ୍ପଷ୍ଟୋକ୍ତି ଥିଲା ଶ୍ରମ ପଣ୍ୟ ନୁହେଁ କିମ୍ବା ଶ୍ରମିକ ପୁଞ୍ଜିର ଶ୍ରେଣୀ ଶତ୍ରୁ ନୁହେଁ । ଏକ ଜନକଲ୍ୟାଣକାମୀ ସମାଜବାଦୀ ପ୍ରଜାଙ୍କପଥେ ଶିଳ୍ପାୟନ ପ୍ରକ୍ରିୟାସହ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଶ୍ରମଶକ୍ତି, ଅଗଣିତ ଖାଉଟି ଏବଂ ବାରାନ୍ତରରେ ରାଷ୍ଟ୍ରିୟ ଅର୍ଥନୈତିକ ବିକାଶ ତଥା ସମାଜକଲ୍ୟାଣ ଭଳି ଜ୍ୱଳନ୍ତ ପ୍ରସଙ୍ଗ ଜଡିତ । ପାରସ୍ପରିକ ମହୋଦ୍ୟମ, ସହଯୋଗ ସୌହାର୍ଦ୍ଦ୍ୟ ମାଧ୍ୟମରେ ହିଁ ଉତ୍ପାଦନର ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଅବଶମ୍ଭାବି । ରୁଟି ଓ ଲହୁଣୀର ଆକୃତି ଓ ପରିମାଣ ବଡ ଓ ଅଧିକ ହେଲେ, ଉଭୟ ଅଂଶୀଦାରଙ୍କ ଭାଗ ପୂର୍ବାପେକ୍ଷା ଅଧିକ ହେବ ନିଶ୍ଚୟ । ଏହି ପ୍ରକ୍ରିୟା ଉପରେ ଉଭୟଙ୍କର ସ୍ୱାର୍ଥ ସନ୍ନିବେଶିତ । ଏଣୁ ମୁକାବିଲା, ଝଗଡିବା ଅଥବା ଶ୍ରେଣୀବୈର ଭାବକୁ ଜାବୁଡି ଧରିବାରେ ଅତୋ ନଷ୍ଟ ତତୋ ନଷ୍ଟ ଶ୍ରମିକକୁ ପ୍ରଚୁରଭାବେ ପ୍ରଭାବିତ କରୁଥିବା ମଜୁରି ଓ ଲାଭାଂଶ ପରିପ୍ରେକ୍ଷୀରେ, ବାପୁଙ୍କର ଦିଶା ଓ ମାନକ ଯେଉଁଭଳି ନିରପେକ୍ଷ ଓ ଶ୍ରମିକ ହିତକାରୀ, ସେହିଭଳି ଆଶାସଂଚାର ଥିଲା । ସେ ଥିଲେ ଭାଗୁଆଳୀ ତତ୍ତ୍ୱାବଧାରକ ତତ୍ତ୍ୱର ସ୍ଥପତି ଓ ବଳିଷ୍ଠ ପ୍ରବକ୍ତା । (ଦ୍ରଷ୍ଟବ୍ୟ: ହରିଜନ ପତ୍ରିକାର ଦୈନିକ ୨୩.୨.୧୯୪୭, ୪.୫.୧୯୪୭ ଏବଂ ୧.୬.୧୯୪୭ ସଂସ୍କରଣର ଆଲେଖ୍ୟ) ସର୍ବୋପରି କ୍ରାନ୍ତିକାରୀ ମାର୍କସଙ୍କ ଭଳି ଗାନ୍ଧିଜୀ ସ୍ୱକୀୟ ଦର୍ଶନବୋଧ ଘେନି ମେହନତୀ ମଣିଷର ଥିଲେ ବିବେକରକ୍ଷୀ, ଦରଦୀବନ୍ଧୁ, ସାଥୀ, ସମର୍ଥକ ଓ ସେନାପତି । ସାବରମତି ଆଶ୍ରମରେ ପ୍ରବେଶ ଉତ୍ତାରୁ ଟେକ୍ସଟାଇଲ୍ ମଜଦୁରଙ୍କୁ ଶୋଷଣ ଓ ନିର୍ଯାତନାର ନିରାକରଣ ପାଇଁ ସିଏ ସଂଗଠନ ଓ ସାମୂହିକ ସହବନ୍ଧୁ ଉପରେ ପ୍ରାଧାନ୍ୟ ଦେବା ସହ ଅହିଂସା ସଂଗ୍ରାମ (ଶ୍ରମ ଆନ୍ଦୋଳନ)ରେ ଅବତୀର୍ଣ୍ଣ ହୋଇଥିଲେ । ସେତେବେଳେ ସାବରମତୀ ଆଶ୍ରମ ଥିଲା– ସଂଗ୍ରାମ ଓ ସତ୍ୟାଗ୍ରହୀ ଶ୍ରମିକ ଆନ୍ଦୋଳନର ନିୟନ୍ତ୍ରଣ କକ୍ଷ ଏବଂ ବତୀଘର । ସବୁକୁ ବଖାଣୀ ବସିଲେ ପୋଥିଏ ହେବ । ଛୋଟ ଏକ ଦୃଷ୍ଟାନ୍ତର ଅବତାରଣ କେବଳ ଏଠି । ବଳ କଷାକଷି ପକ୍ରିୟାରେ ଗାନ୍ଧିଜୀଙ୍କ ଅନଶନର ୩ୟ ଦିନରେ, ପରିଶେଷରେ ଖରା–ଛାଇରେ ଲୁଚକାଳି ଖେଳୁଥିବା ଲାଭଖୋର ମିଲ ମାଲିକମାନେ ତାଙ୍କର ଦାବି ମାନିନେଲେ । ଟେକ୍ସଟାଇଲ ଲେବର ଆସୋସିଏସନ୍‌ର ଜନ୍ମ ଓ ପ୍ରତିଷ୍ଠା ଖୁବ୍ ପ୍ରଭାବୀ ଥିଲା । ଏହି ସଂଘର୍ଷ ତା'ର ମୁଖ୍ୟସ୍ରୋତକୁ ସର୍ଦ୍ଦାର ପଟେଲ, ଶଙ୍କର ଲାଲ ବେଙ୍କର ଏବଂ ଅନୁସୂୟା ଦେବ–ସରାବାଇ ପ୍ରଭୃତିଙ୍କୁ ଆକର୍ଷିତ କରି ମାର୍ଗଦର୍ଶୀ ବାପୁଙ୍କ ନିକଟବର୍ତ୍ତୀ କରାଇଥିଲେ । ସମସ୍ତେ କହିଲେ ''ନାଇକ ଜାଣୀ: ପାଇକ ପଣିଆ'' । ସୁ ଶ୍ରମ ସଂଗଠନର ନେତା ଯେମିତି: ସଙ୍ଗଠନ ରୂପାୟିତ ହେବ ସେମିତି । ଏଥିଅନ୍ତେ ଖେଡ– ସତ୍ୟାଗ୍ରହ ବା (ବିକ୍ଷୋଭ ସତ୍ୟାଗ୍ରହ) ପରିକ୍ଷଣର ଶୁଭାରମ୍ଭ ହେଲା । ଏହାକୁ ସର୍ବଭାରତୀୟ/ଜାତୀୟ ସ୍ତରକୁ ସମ୍ପ୍ରସାରିତ କରାହୁଅନ୍ତେ ଇଂରେଜ ସରକାର ଚଞ୍ଚକତାର ସହ ସ୍ୱାଧୀନତା ମୂଳଛେଦନ ପୂର୍ବରୁ ରୋଲାଟ୍ ଆକ୍ଟ ବ୍ରିଟିଶ୍ ପାଲ୍ୟାମେଣ୍ଟରେ ଭାରତରେ ତାହା ସତ୍ୱର ଭାବେ ଲାଗୁ କରାଇ ବସିଲେ ।

ନକହିଲେ ନଚଳେ । ମାଛ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଥାଏ ସମୁଦ୍ର ମନ୍ଥନ ଦୂରର କଥା ସମୁଦ୍ରର ଗଭୀରତା ଓ ବିସ୍ତୃତ କେତେ ତାକୁ ଭଲଭାବେ ଜଣାନଥାଏ । ଯେମିତି ପକ୍ଷୀଟିଏ ଏ ମୁକ୍ତାକାଶରେ ବିଚରଣ କରେ, ଅଥଚ ଆକାଶର ଉଚ୍ଚତା ଓ ବ୍ୟାପ୍ତି କେତେ ତାହା ତା'ର ଗୋଚରରେ ନଥାଏ । ମାର୍ଗଦର୍ଶୀ ଦୁଇ ମହାମନିଷୀଙ୍କ ବିଶାଳ ଦିଶା–ଦର୍ଶନର ମୂଲ୍ୟାୟନ କେବଳ ଏକ କ୍ଷୁଦ୍ର ପ୍ରଦୀପର ନୈବେଦ୍ୟରେ ଆଦିତ୍ୟ ହୃଦୟଙ୍କୁ ସଂବୋଧନ ସ୍ୱରୂପ । ପ୍ରକୃତ ପକ୍ଷେ ଗାନ୍ଧୀ ଓ ମାର୍କ୍ସ ଦୁହିଁଙ୍କ ମଧ୍ୟରେ ସବୁଠାରୁ ବଡ ଯେଉଁ ସାଦୃଶ୍ୟ ପରିଲକ୍ଷିତ, ତାହା ହେଉଛି ଅଗଣିତ ସର୍ବହରା, ଦଳିତ, ଶୋଷିତ, ସାଧନ ବିହୀନ, ଜ୍ଞାନହୀନ, ବୁଭୁକ୍ଷୁ ମଣିଷଙ୍କ ପ୍ରତି ଅପାର କରୁଣା ଓ ସେମାନଙ୍କର ଉଦ୍ଧାରଣ– ଅନ୍ତୋଦୟ ଓ ମୁକ୍ତି ପାଇଁ ଦୁହିଁଙ୍କ ସାଲିସ ବିହୀନ ଅଭିଯାନ ଓ ନିରନ୍ତର ଉଦ୍ୟମ ।

ଖଟିଖିଆ ଅଧାପେଟ ଭରା ଭୋକିଲା ଶ୍ରମିକଙ୍କ ପାଇଁ ଆର୍ଥିକ ନ୍ୟାୟ ଏବଂ ସାମାଜିକ ମମତାର ସୁସଙ୍ଗତି ପ୍ରସଙ୍ଗରେ: ଗାନ୍ଧିଜୀଙ୍କର ସ୍ପଷ୍ଟୋକ୍ତି ଥିଲା:– ''ଆର୍ଥିକ ସମାନତା ଅର୍ଥାତ

ସମତୁଲ କାର୍ଯ୍ୟ ନିଷ୍ପାଦନ ପରିବର୍ତ୍ତେ ନ୍ୟାର୍ଯ୍ୟ ଜୀବନକ୍ଷମ ମଜୁରି ଜଣେ ପରିଶ୍ରମୀ ଓକିଲ, ଅଥବା ଅମଲା କିମ୍ବା ଜଣେ ପରିଶ୍ରମୀ ଚିକିତ୍ସକ, ଅଧ୍ୟାପକଙ୍କ ପାଇଁ ଯେଉଁଭଳି ଅତ୍ୟାବଶ୍ୟକୀୟ, ଦୈହିକ ପରିଶ୍ରମୀ ଜଣେ ଅର୍ଦ୍ଧକୁଶଳୀ, ସମକୁଶଳୀ, କୁଶଳୀ–ଶ୍ରମିକ/ ମଜଦୁର/ ମଜୁରିଆ ଓ ମୂଲିଆ ଶ୍ରମିକଙ୍କ ପାଇଁ ଅନୁରୂପ ଭାବେ ଦର୍କାର । ପେଟକୁ ଦିଅ ପିଠିରେ ମୋଟି ଖଟାଅ । ନ୍ୟାର୍ଯ୍ୟ ମଜୁରୀ ନଦେଇ ଖଟାଇବା ଦୈହିକ ଶୋଷଣ ଭଳି ଏକ ଅକ୍ଷମଣୀୟ ଅପରାଧ ବ୍ୟତୀତ ଅନ୍ୟକିଛି ନୁହେଁ । (ଦ୍ରଷ୍ଟବ୍ୟ: ହରିଜନ ତା୨୨.୬.୧୯୩୫ରିଖ ସଂସ୍କରଣ) ବସ୍ତୁତଃ ଗାନ୍ଧୀ ଏବଂ ମାର୍କ୍ସ ଦୁହିଁଙ୍କ ଚିନ୍ତାଧାରାରେ ଆର୍ଥିକ ଅସମାନତାର ସ୍ୱରୂପ ରୂପରେଖ ଓ ତା'ର ନିରାକରଣର ନୀଳଛାପ ମଧ୍ୟରେ କିଛିଟା ସାଦୃଶ/ ମେଳ/ ସାମ୍ୟ ଥିଲା । ଏହି ଆର୍ଥିକ ସମତା ପ୍ରତ୍ୟେକଙ୍କୁ ତା'ର ଚାହିଦାନୁଯାୟୀ ଦିଆଯିବା ଚାହି । ମାର୍କ୍ସଙ୍କ ବ୍ୟାଖ୍ୟା ଏହି ମର୍ମରେ ମଧ୍ୟ ଏଇଭଳି । ସେ କ୍ଷେତ୍ରରେ ଅସମାନତା ହେବ, ଯେଉଁଠି ଜଣେ ବ୍ୟକ୍ତି, ଛଅଜଣ କୁଟୁମ୍ବ ବିଶିଷ୍ଟ ପରିବାର ବ୍ୟକ୍ତିଙ୍କ ସହ, ନିଜର ଚାହିଦାକୁ ସମତୁଲ କରି ସମାନତା ଲୋଡ଼ିବ । ଗାନ୍ଧୀଙ୍କ ପ୍ରବକ୍ତିଥିଲା: '' ପ୍ରତ୍ୟେକ ବ୍ୟକ୍ତି ନିଜ କ୍ଷେତ୍ରରେ ଆର୍ଥିକ ସମାନତାର ପ୍ରାରମ୍ଭ କରିପାରେ । ତାକୁ ରୋକିବା ଅଥବା ଅନ୍ୟ କେହି ତାକୁ ରାସ୍ତା ବତେଇବା ଜରୁରୀ ନୁହେଁ । ମୁଁ ଘୃଣା ନୁହଁ, ପ୍ରେମ ଓ ଶ୍ରଦ୍ଧାରସହ ଲୋକଙ୍କୁ ନିଜକଥା ବୁଝାଇବି ଏବଂ ଅହିଂସ୍ର ଭାବେ ଆର୍ଥିକ ସମାନତା ଉପୁଜାଇ ପାରିବି, ଏ ଆତ୍ମ ପ୍ରତ୍ୟୟ ମୋର ରହିଛି ।''

ଗାନ୍ଧିଜୀଙ୍କର ଶିଳ୍ପାୟନ ଦର୍ଶନ ସଂକୀର୍ଣ୍ଣ ନଥିଲା । ତଥାକଥିତ ସମାଜବାଦୀ ପ୍ରବକ୍ତାଙ୍କ ଭଳି ବାପୁଙ୍କର ମାନ୍ୟତା ଥିଲା କି ବୃହତ୍ ପୁଞ୍ଜି, କଳ ଓ ଶ୍ରମଶକ୍ତି ସଞ୍ଚାଳିତ କାରଖାନା ଓ ଉଦ୍ୟୋଗ ଉପରେ ରାଷ୍ଟ୍ରର ପ୍ରଭୁତ୍ୱ ଅଥବା ରାଜ୍ୟର ନିୟନ୍ତ୍ରଣ ନରହିବା ଶ୍ଲାଘ୍ୟ ଏବଂ ଏଭଳି ଶିଳ୍ପାୟନରେ କାର୍ଯ୍ୟରତ ଶ୍ରମଜୀବୀମାନଙ୍କ ଉନ୍ନତ କାର୍ଯ୍ୟ ପରିବେଶ ଏବଂ ଜୀବନକ୍ଷମ ମଜୁରି ପ୍ରଦାନ ସୁନିଶ୍ଚିତ କରାଯିବା ଚାହି । ମାନବୀୟ ସମ୍ବଳ ପରିବର୍ତ୍ତେ ଯାନ୍ତ୍ରିକ ସ୍ୱୟଂକ୍ରୀୟ ମେସିନର ଅଧିକ ଉପଯୋଗକୁ ବିରୋଧ ଘେନି ୧୯୩୧ରେ ଗୋଲ ଟେବୁଲ ବୈଠକରେ ଯୋଗ ଦେବାକୁ ଯାଇ ଲଣ୍ଡନରେ ଅବସ୍ଥାନ ସମୟରେ ଏକଦା ସାମ୍ବାଦିକଗଣ ବାପୁଙ୍କୁ ଏକ ସମ୍ବେଦନଶୀଳ ପ୍ରଶ୍ନ ପଚାରିଥିଲେ: '' ବାପୁ ! ତା'ହେଲେ ଏଇଥି ପାଇଁ ଶିଳ୍ପାୟନ କ୍ଷେତ୍ରରେ ଅଧିକ ସ୍ୱୟଂକ୍ରୀୟ ମେସିନର ବ୍ୟବହାରକୁ ତୀବ୍ର ବିରୋଧ କରୁଛନ୍ତି । କାରଣ, ଏଭଳି (ଶ୍ରମ ସମ୍ବଳ ନିୟୋଜନ ସଂକୋଚନକାରୀ)– ସ୍ୱୟଂକ୍ରୀୟ ମେସିନ ପ୍ରତିଷ୍ଠାପନ ଫଳରେ ପୁଞ୍ଜିପତିଙ୍କ ହାତରେ ଉତ୍ପାଦନ ଏବଂ ବିତରଣ ଶକ୍ତି ପ୍ରତ୍ୟର୍ପଣ ବାରାନ୍ତରରେ ଅଧିକ ନିରଙ୍କୁଶ/ସ୍ୱେଚ୍ଛାକ୍ରୀୟ କରିବା ଅବସମ୍ଭାବି ? ସାମ୍ବାଦିକ ବନ୍ଧୁମାନଙ୍କୁ ଗାନ୍ଧିଜୀଙ୍କ ରୋକଠୋକ ଜବାବ ଥିଲା: ' ହଁ ଏଇଥି ପାଇଁ ମୁଁ ବହୁଳ ସ୍ୱୟଂକ୍ରୀୟ ମେସିନ ପ୍ରତିଷ୍ଠାପନ ସପକ୍ଷରେ ନୁହେଁ । ତା ଛଡା ମୁଁ ବିଶେଷାଧିକାର ଅଥବା ଏକ ଚାଟିଆ ଅଧିକାରର ପରିପନ୍ଥୀ । କାରଣ ମାତ୍ରାଧିକ ଅଧିକାର/ କର୍ତ୍ତବ୍ୟ ବ୍ୟକ୍ତିକୁ ଭ୍ରଷ୍ଟ, ଦିଗଭ୍ରାନ୍ତ ଓ ଦୁର୍ନୀତିଗ୍ରସ୍ତ କରେ ଏବଂ ନିରଙ୍କୁଶ ଅଧିକାର ସବୁମତେ କ୍ଷମତାନ୍ଧ କରେ । ଉତ୍ପାଦନ ପ୍ରକ୍ରିୟା ସହ ସମଗ୍ର ଖାଉଟିଙ୍କର ସ୍ୱାର୍ଥ ବି ପ୍ରଚ୍ଛନ୍ନ ଭାବେ ଜଡିତ । ଏଣୁ ଯେଉଁ ଉତ୍ପାଦନ ଏବଂ ବିତରଣ ପ୍ରକ୍ରିୟା ସହ ସର୍ବସାଧାରଣ ଜନଗଣ ଭାଗୀଦାର ହେବାରୁ ବଞ୍ଚିତ ହୋଇଥାନ୍ତି, ତାହା ସର୍ବୋତଭାବେ ଖାରଜ କରାଯିବା ବିଧେୟ ଏବଂ ପରିତାଜ୍ୟ । ବାସ୍, ଏହା ହିଁ ମୋର ଦୃଷ୍ଟିକୋଣ ।''

ସଂକ୍ରାନ୍ତିପୁରୁଷ କାର୍ଲମାର୍କସ ଏବଂ ଫ୍ରେଡେରିକ୍ ଏଞ୍ଜେଲ ଯେଉଁ ସାମ୍ୟବାଦର ବଳିଷ୍ଠ ପ୍ରବକ୍ତା ଓ ପ୍ରବର୍ତ୍ତକ, ତାହାର ପୁଷ୍ଟକ ନିର୍ଯାସ ଓ ନିଃସାରଣ ହେଉଛି ଚତୁର୍ବିଧ । ଯଥା: ୧– ଉତ୍ପାଦନ ଉପରୁ ପୁଞ୍ଜିବାଦୀ ବ୍ୟବସ୍ଥାର ନିରଙ୍କୁଶ ନିୟନ୍ତ୍ରଣ ଓ କର୍ତ୍ତବ୍ୟର ଅବସାନ । ୨– ସମ୍ପତ୍ତି ଉପରେ ବ୍ୟକ୍ତିଗତ ମାଲିକାନା ପ୍ରଭୁତ୍ୱର ପରିସମାପନ । ୩– ସାମାଜିକ ପ୍ରଭୁତ୍ୱ/ ପ୍ରାଧିକାର କର୍ତ୍ତୃତ୍ୱାଧିନ ପ୍ରକ୍ରିୟାରେ ବିତରଣ ଓ ସାଧନ ହେବାର ପୁନଃବିନ୍ୟାସ/ ପୁନଃଗଠନ । ୪– ବର୍ଗ/ ଶ୍ରେଣୀ ବିଭେଦ୍ୟ ଭାବନାର କୁପ୍ରଭାବ ଜନିତ ପ୍ରଦୂଷଣ କବଳରୁ ସମାଜକୁ ଭାଇଚାରା ଭାବନା ତଥା ବୃହତପରିବାର ରୂପାନ୍ତରରେ, ନିରାପଦରେ ସୁରକ୍ଷିତ ରଖିବା । ପ୍ରକୃତପକ୍ଷେ ସାମ୍ୟବାଦର ଉପରୋକ୍ତ ଚତୁର୍ବିଧ ସିଦ୍ଧାନ୍ତ ସହ ଗାନ୍ଧିଜୀଙ୍କର ମତାନ୍ତର ଅଥବା ମନାନ୍ତର ନାହିଁ କହିଲେ ଚଳେ । ହେଲେ ନିଜସ୍ୱ ଚେତନାବୋଧର ସ୍ପଷ୍ଟୀକରଣ ଦେବାକୁ ଯାଇ ବାପୁଙ୍କର ସୁଚିନ୍ତିତ ଅଭିବ୍ୟକ୍ତି ଥିଲା, ''ମୁଁ ମଧ୍ୟ ସେଇସବୁ ସମସ୍ୟାର ସମାଧାନ ନିମିତ୍ତ ନିରନ୍ତର ପ୍ରଯତ୍ନଶୀଳ । ଯାହାର ସାମୁଖ୍ୟ ସାମ୍ୟବାଦୀ–ବିଶେଷଜ୍ଞ/ ବିଜ୍ଞାନୀମାନେ ମଧ୍ୟ କରୁଛନ୍ତି । ଫରକ୍ କେବଳ ଏତିକି, ମୁଁ ହିଂସା ନୁହେଁ ଅହିଂସା– ମାର୍ଗରେ ଅନୁବନ୍ଧିତ । ହିଂସାଦ୍ୱାରା କୌଣସି ସମସ୍ୟାର ସ୍ଥାୟୀ ସମାଧାନ ଅବସମ୍ଭାବୀ, ଏହା ମୁଁ ଅସ୍ୱୀକାର କରୁଛି । ସାମ୍ୟବାଦୀଙ୍କ ସହ ମୋର ଅମେଳ/ଭିନ୍ନତା/ପ୍ରଭେଦ/ମତଭେଦ କେବଳ ମୁଁ ସାମ୍ୟବାଦରେ ବିଶ୍ୱାସୀ । ଯଦି ସାମ୍ୟବାଦ ବିନା କୌଣସି ହିଂସା ଉପୁଜେ, ମୁଁ ତାକୁ ସ୍ୱାଗତ କରିବି । ହିଂସାଦ୍ୱାରା ଲକ୍ଷପ୍ରାପ୍ତ

ସାମ୍ୟବାଦୀ ସ୍ଥାୟୀ ହୋଇ ନପାରେ କେବେ । (ଦ୍ରଷ୍ଟବ୍ୟ: ୨.୭.୧୯୨୭)

ଏକଦା ଭାରତୀୟ ସାମ୍ୟବାଦୀ ରାଜନେତୃବୃନ୍ଦଙ୍କ ସହ ଖୋଲା ଆଳାପ ଓ ବିଚାର ବିମର୍ଷ ଅବସରରେ ମାର୍ଗଦର୍ଶୀ ମନିଷୀ ଓ ପ୍ରଜ୍ଞାପୁରୁଷ ବାପୁ ସ୍ୱଭାବ ସୁଲଭ ଢଙ୍ଗରେ ହସିହସି ରୋକଠୋକ ଦୋହରାଇଥିଲେ: ' ମୁଁ– ଦୃଢତା'ର ସହ ଏକଥା କହିପାରେ ଯେ ଆପଣମାନଙ୍କ ଅପେକ୍ଷା ବନ୍ଧୁଗଣ ମୁଁ ଜଣେ ସଚ୍ଚା ଓ ଆଚ୍ଛା କମ୍ୟୁନିଷ୍ଟ ଅଟେ । ଯଦି ସାମ୍ୟବାଦର ଅନ୍ତିମ ଉଦ୍ଦ୍ୟେଶିକା ମାନବତାର ସେବାରେ ଅଂଗୀକୃତ, ତେବେ ଆପଣଙ୍କ ସାମ୍ୟ ସହ ସୌମ୍ୟ ଅହିଂସାର ସୁସଂହତ ସମନ୍ୱୟ ସର୍ବାଦୌକରଣୀୟ, ବିଶ୍ୱମାନବିକତାର କଲ୍ୟାଣ ପ୍ରତ୍ୟର୍ପିତ ଏବଂବିଧ ଆଦର୍ଶ, ବିଶେଷକରି ଯେଉଁମାନେ ଦଳିତ ନିଷ୍ପେସିତ ଓ ସର୍ବହରା, ସେମାନଙ୍କର ଅନ୍ତୋଦୟ ଆମ ରକ୍ତକୋଷରେ ଅନୁବନ୍ଧିତ । ଆମେ ଏଇଥି ପାଇଁ ଆମର ପ୍ରାତକାଳୀନ ପ୍ରାର୍ଥନା ଓ ପାଥେୟରେ ସଂକଳ୍ପ ନେଇଥାଉ ଶାନ୍ତି ପାଠ ମାଧ୍ୟମରେ ।

ଶ୍ରମଶକ୍ତି ଘେନି ପରିଶେଷରେ ମାର୍କ୍ସୀୟ ଦର୍ଶନର ବିଲକ୍ଷଣ/ ତଥା ଦ୍ୱନ୍ଦାତ୍ମବିଭୁକ ସମ୍ପର୍କରେ ଏହା ସୂଚନାଯୋଗ୍ୟ ଯେ: ମାର୍କ୍ସୀୟ ସମାଜବାଦୀ ବାସ୍ତବବାଦ ବିଶ୍ଳେଷଣାତ୍ମକ ଏବଂ ସମାଜ ତାନ୍ତ୍ରିକ ଦୁଇ ଆଧାରଶିଳା ଉପରେ ପର୍ଯ୍ୟବସିତ । ମାକ୍ସୀମ ଗର୍କୀଙ୍କ ଭାଷାରେ: ମଣିଷ ଅପେକ୍ଷା ମଣିଷର ଶ୍ରମ ଅଧିକ ମହତ୍ତ୍ୱପୂର୍ଣ୍ଣ । ମଣିଷର ଜୀବନକାଳ ଶହେବର୍ଷ ମଧ୍ୟରେ ଶେଷ ହୋଇପାରେ । କିନ୍ତୁ ତା'ର ଶ୍ରମଜାତ କାର୍ଯ୍ୟ ଅମର ହୋଇରହେ ଅନନ୍ତକାଳ ପର୍ଯ୍ୟନ୍ତ । ଲେଲିନ୍‌ଙ୍କ ପରିଭାଷାରେ ଜୀବନ ହେଉଛି ଏକ ନିରବଚ୍ଛିନ୍ନ ଗତିପ୍ରବାହ ଓ ବିବର୍ତ୍ତନ ଏହାର ଧର୍ମ । ଦ୍ୱନ୍ଦ୍ୱ ଏବଂ ସଂଘର୍ଷ ମଧ୍ୟରେ ଇତିହାସ ତା'ର ଗତିପଥ ବଦଳାଏ ।

ଏକଦା ଆଲୋଡନ ସୃଷ୍ଟିକାରୀ ମାର୍କ୍ସୀୟ ଦଶାଦର୍ଶନର ପରବର୍ତ୍ତୀ ସମୟର ରୂପାନ୍ତରଣ ଥିଲା । ଅବୋଧ୍ୟ, ଅନତିକ୍ରମ୍ୟ ଏବଂ ଅନେକଟା ଅବ୍ୟବସ୍ଥିତ । ଏଇଥି ପାଇଁ ମାର୍କ୍ସୀୟ ଦର୍ଶନର ସମର୍ଥକଙ୍କ ସଂଖ୍ୟାକୁ, ପରିପନ୍ଥୀ ସମାଲୋଚକଙ୍କ ସଂଖ୍ୟା ମନ୍ଦିରକୁ ମୁଖଶାଳା ଟପିଲାଭଳି, ଟପିଗଲା ବିରୋଧାଭାଷ । ସେମାନଙ୍କ ସମାଲୋଚନା, ଉଭୟ ତତ୍ତ୍ୱ ଏବଂ ତା'ର ବ୍ୟାଖ୍ୟା ଏବଂ କାର୍ଯ୍ୟାନ୍ୱୟନ ଉପରେ ପର୍ଯ୍ୟବସିତ । ମାର୍କ୍ସୀୟ ଦର୍ଶନର ଉପରୋକ୍ତ ଶ୍ରମତତ୍ତ୍ୱକୁ ଆଧୁନିକ ଅର୍ଥନୀତିଜ୍ଞମାନେ ଧାରୀୟ/ପ୍ରାନ୍ତିକ ଉପଯୋଗୀତାକୁ ଭିତ୍ତିକରି ଗ୍ରହଣ କରିବାକୁ ଅସ୍ୱୀକାର କରିଲାଗିଲେ । ଏକଥା ସତ ଯେ: ମାର୍କ୍ସ ଏବଂ ଏଞ୍ଜେଲ, ସାମ୍ୟବାଦୀ ଅର୍ଥନୀତି କେଉଁ ପଦ୍ଧତି ଅନୁସରଣ କରି ସଠିକ ଭାବେ କାର୍ଯ୍ୟାନ୍ୱୟନ ସମର୍ଥ ହେବ, ସେ ସମ୍ପର୍କରେ ଅଧିକ ଗବେଷଣା ଆଧାରିତ ତଥ୍ୟ/ସୂତ୍ର ପ୍ରତିବେଦନ କରିନଥିଲେ । ଖ୍ୟାତନାମା ଅର୍ଥନୀତିଜ୍ଞ ମିଲ୍‌ଟନ ଫ୍ରାଡ୍‌ମ୍ୟାନ୍‌ଙ୍କର ସୁଚିନ୍ତିତ ନିଜସ୍ୱ ମନ୍ତବ୍ୟ ଏଣୁ ଥିଲା ଏହିଭଳି: ସର୍ବୋପରି ବ୍ୟକ୍ତିବିଶେଷଙ୍କ ସାମର୍ଥ୍ୟର ପାର୍ଥକ୍ୟକୁ ଅଣଦେଖା କରୁଥିବା ମାର୍କ୍ସୀୟ ଦିଶା–ଦର୍ଶନ, ବାମପନ୍ଥୀ ରାଜନୈତିକ ଦଳ ମଧ୍ୟରେ ଦକ୍ଷିଣ ଓ ବାମଡେଣାର ମତପାର୍ଥକ୍ୟ ସାଙ୍ଗକୁ, ଗଣତାନ୍ତ୍ରିକ ସମାଜବାଦୀ ଓ ସାମାଜିକ ଗଣତନ୍ତ୍ରବିତ୍ ନୀତିଗତ ଭାବେ ଏହାକୁ କ୍ରମଶଃ ବିରୋଧ ଓ ତା'ପରେ ପ୍ରତ୍ୟାଖ୍ୟାନ କରି ଲାଗିଲେ । ସେମାନଙ୍କର ଯୁକ୍ତି ହେଲା ସମାଜବାଦ କେବଳ ଶ୍ରେଣୀଦ୍ୱନ୍ଦ୍ୱ ଏବଂ ହିଂସାତ୍ମକ ବିପ୍ଳବ ମାଧ୍ୟମରେ ବାସ୍ତବାୟିତ ହୋଇପାରେ । ବହୁ ସଂନ୍ତ୍ରାସବାଦୀ, ଶ୍ରେଣୀ ବିହୀନେ ସମାଜ ପ୍ରତିଷ୍ଠାର ଠିକଣା– ମାର୍ଗ ବୋଲି ଏପରିକି ଅସ୍ୱୀକାର କରିବାକୁ କୁଣ୍ଠାବୋଧ କଲେ ନାହିଁ । ବାମପନ୍ଥୀଙ୍କ ମଧ୍ୟରୁ ଅନେକ ମାର୍କସୀୟ ଦର୍ଶନ ଓ ତତ୍ତ୍ୱ ସମ୍ବଳିତ ଐତିହାସିକ ବସ୍ତୁବାଦ ଏବଂ ଶ୍ରମତତ୍ତ୍ୱର ମୂଲ୍ୟ ଘେନି ନିଜନିଜର ଅନାସ୍ଥାଭାବ ପ୍ରକାଶ ସହ ବାରାନ୍ତରରେ ପୁଞ୍ଜିବାଦର ସମାଲୋଚନା ଏବଂ ସମାଜବାଦୀର ସମର୍ଥନରେ ମୁଖର ସଂପ୍ରତି ଅତ୍ର ତତ୍ର ସର୍ବତ୍ର, କାଁ ଭାଁ ଭାବେ ।

ପରିବର୍ତ୍ତିତ ପରିପ୍ରେକ୍ଷୀରେ ତାତ୍ତ୍ୱିକ ପ୍ରାସଙ୍ଗିକତା ଘେନି ମାର୍କ୍ସ ଅଥବା ବାପୁଙ୍କ ଦିଶାଦର୍ଶନ ଆଧାରିତ ଏବଂବିଧ ଭିନ୍ନ ମତ, ଭିନ୍ନ ଅବବୋଧ ସତ୍ତ୍ୱେ ଦୁଇ ମାର୍ଗଦର୍ଶୀ ମହାମନିଷୀ ଯେ ଶ୍ରମଜୀବୀର ମାନବୀୟ ମର୍ଯ୍ୟାଦା ସ୍ୱାଧୀକାର ଓ ସର୍ବାଙ୍ଗୀନ କଲ୍ୟାଣ– ସାରଣୀର ଅନନ୍ୟ ପଥପ୍ରଦର୍ଶକ ମହାମାନ୍ତ୍ରିକ ତଥା ପ୍ରାତସ୍ମରଣୀୟ ପ୍ରେରଣା ପୁରୁଷ, ଏହା ଅସ୍ୱୀକାର କରିବା ଆତ୍ମଘାତୀ ଏବଂ କୃତଘ୍ନତା ହେବ ଆମ ସମସ୍ତଙ୍କ ପାଇଁ । ସେଇ ଦୁଇ ବିଶ୍ୱବିଶ୍ରୃତ ଶ୍ରମ ହିତୈଷୀ ପ୍ରେରଣା ପୁରୁଷଙ୍କ ଅପାର କରୁଣା ଓ ପ୍ରେରଣା ସମସ୍ତ ମେହନତୀ ମଣିଷଙ୍କ ପାଇଁ ସୌଭାଗ୍ୟମୟ, ବିଘ୍ନ ବିରହିତ ଓ ଶୁଭଙ୍କରୀ ହେଉ । ତାଙ୍କର ଦିବ୍ୟ ଦିଶାଦର୍ଶନ ଅସତ୍ୟରୁ ସତ୍ୟକୁ, ଅନ୍ଧାରରୁ ଆଲୋକକୁ ଏବଂ ମୃତ୍ୟୁରୁ ଅମୃତର ମାର୍ଗଦର୍ଶନ କରାନ୍ତୁ । ଅଧୁରା ପ୍ରତ୍ୟାଶାକୁ ପୂର୍ଣ୍ଣ ଏବଂ ପୂର୍ଣ୍ଣରୁ ପୂର୍ଣ୍ଣତାରେ ପରିପୂର୍ଣ୍ଣ/ ସମ୍ପୂର୍ଣ୍ଣ କରନ୍ତୁ । ଏତିକି ପ୍ରାର୍ଥନା ।

ଲୁଇସ୍ ରୋଡ୍, ଭୁବନେଶ୍ୱର–୧୪